
# ଛତୁ ଚାଷ



SEWAK

Strengthening Rural & Tribal Communities


## ସେବକ

## ରଙ୍ଗିଆମୁଣ୍ଡା, ସୁନ୍ଦରଗଡ଼

# ଛତୁର ପ୍ରକାର ଭେଦ

ଓଡ଼ିଶାରେ ବିଭିନ୍ନ ପ୍ରକାର ଛତୁ ଦେଖିବାକୁ ମିଳିଥାଏ । କୃଷିବିତ୍‌ଙ୍କ ମତରେ ପୃଥିବୀରେ ୩୮,୦୦୦ ଛତୁ ଚିହ୍ନଟ କରାଯାଇଛି । ମାତ୍ର ସେଥିମଧ୍ୟରୁ ଖୁବ୍ କମ୍ ଛତୁ ଖାଦ୍ୟ ଉପଯୋଗୀ ଅଟନ୍ତି । ଅନ୍ୟଗୁଡ଼ିକ ବିଷାକ୍ତ ଓ ସ୍ୱାସ୍ଥ୍ୟ ପକ୍ଷେ ଅହିତକର ।

ମୁଖ୍ୟତଃ ୧୦୦ ପ୍ରକାର ଛତୁକୁ ହିଁ ଖାଦ୍ୟ ଭାବେ ଗ୍ରହଣ କରାଯାଇପାରେ । ଏ ଯାଏ ୮୨ ପ୍ରକାର ଛତୁ ଚାଷ କରାଗଲାଣି । ସେହି ୮୨ ପ୍ରକାର ଛତୁ ମଧ୍ୟରୁ ୭/୮ଟି ଛତୁକୁ ବ୍ୟବସାୟିକ ପଦ୍ଧତିରେ ଚାଷ କରି ସଫଳତା ମିଳିଛି ।



ଭାରତରେ ମୁଖ୍ୟତଃ ୩ ପ୍ରକାର ଛତୁକୁ ବ୍ୟବସାୟିକ ଭିତ୍ତିରେ ଚାଷ କରାଯାଉଛି । ଏଗୁଡ଼ିକ ଖୁବ୍ ଲାଭଜନକ ହେଉଛି । ହୁଏତ ଦିନ ଆସିପାରେ, ଯେତେବେଳେ କି ଆହୁରି ଅନେକ ପ୍ରକାର ଛତୁଚାଷ କରାଯାଇ ପାରିବ ।

ମାତ୍ର ଏବେ ଜଳବାୟୁକୁ ସୁହାଇଲା ଭଳି ଏହି ୩ ପ୍ରକାର ଛତୁକୁ ଲୋକେ ଆପଣେଇ ନେଇଛନ୍ତି । ଆମ ରାଜ୍ୟର ପାଣିପାଗ ଏହି ଛତୁଚାଷ ପାଇଁ ଅନୁକୂଳ ହୋଇଥାଏ ।




ଏହି ତିନି ପ୍ରକାର ଛତୁ ହେଲା–ପାଳଛତୁ, ଧିଙ୍ଗିରି ଛତୁ ଓ ବୋତାମ ଛତୁ ।


ପାଳଛତୁର ବୈଜ୍ଞାନିକ ନାମ ହେଲା–ଭଲ୍‌ବେରିଲା ଭଲଭାସିଆ (Volvariella Volvacea)

ଧିଙ୍ଗିରି ଛତୁର ନାମ- ପ୍ଲୁରୋଟସ୍ (Pleurotus)

ବୋତାମ ଛତୁର ନାମ-ଆଗାରିକ୍‌ସ ବିସ୍‌ବରସ୍ (Agaricus bisborus)

ଏହି ତିନି ପ୍ରକାର ଛତୁ ମଧ୍ୟରୁ ବୋତାମ ଛତୁ ବହୁତ ପରିମାଣରେ ଦେଖାଯାଇଥାଏ । ଆମ ଦେଶରେ ଯେତେ ପରିମାଣର ଛତୁ ଉତ୍ପାଦିତ ହୁଏ, ସେଗୁଡ଼ିକ ମଧ୍ୟରେ ୮୦% ଭାଗ କେବଳ ବୋତାମ ଛତୁ ଅଟେ ।

ଏହା ବ୍ୟତୀତ ୧୯୯୪ ମସିହା ମେ' ମାସରେ ଗ୍ରୀଷ୍ମମଣ୍ଡଳୀୟ ଛତୁ ଗବେଷଣା କେନ୍ଦ୍ରରେ ଆଉ ଏକ ନୂଆ ଛତୁ ଚିହ୍ନଟ କରାଯାଇଛି । ଏହି ଛତୁର ନାମ ଦୁଧ ଛତୁ ବା



ବଡ଼ ଛତୁ । ଏହି ଚାଷର ପ୍ରସାର ପ୍ରାୟ ସବୁଠି ଏବେ ହୋଇଗଲାଣି । ଏହା ମଧ୍ୟ ଏକ ଉଚ୍ଚମାନର ଛତୁ । ଏହା ମାର୍ଚ୍ଚରୁ ଅକ୍ଟୋବର ମାସ ମଧ୍ୟରେ ଚାଷ କରାଯାଇଥାଏ ।

ପାଳଛତୁ ୧୨ରୁ ୧୬ ଘଣ୍ଟା ତାଜା ରହିପାରେ । ଧିଙ୍ଗିରି ଛତୁ ଏକଦିନ ତାଜା ରହିଥାଏ । କିନ୍ତୁ ଦୁଧ ଛତୁ ୩-୪ ଦିନ ତାଜା ଆକାରରେ ରହିପାରେ ।

ଛତୁର ବ୍ୟବହାର ଦୃଷ୍ଟିରୁ ମଧ୍ୟ ଏହାକୁ ଆଉ ଦୁଇଟି ଦୃଷ୍ଟିକୋଣରୁ ବିଚାର କରାଯାଇପାରେ । ପ୍ରଥମତଃ ଖାଦ୍ୟ ଉପଯୋଗୀ ଛତୁ, ଯାହାକୁ ଆମେ ନିୟମିତ ଖାଦ୍ୟ ରୂପେ ବ୍ୟବହାର କରୁ । ଦ୍ୱିତୀୟତଃ– ବିଷାକ୍ତ ଛତୁ, ଯାହାକୁ ଆମେ ସିଧାସଳଖ ଖାଦ୍ୟ ରୂପେ ବ୍ୟବହାର କରୁନାହୁଁ । କିନ୍ତୁ ଏଥିରୁ ଅନେକ ଜୀବନ ରକ୍ଷାକାରୀ ଔଷଧ ତିଆରି କରାଯାଏ । ତେଣୁ ଏହା ପରୋକ୍ଷରେ ମଧ୍ୟ କାମରେ ଲାଗିଥାଏ ।

## ଛତୁ ବିହନ (ମଞ୍ଜି) ସଂଗ୍ରହ

ଛତୁ ମାଟି ଉପରେ ମୁଣ୍ଡ ଟେକେ । ପଚାନଡ଼ା, ଅଦରକାରୀ କାଠ ଆଦିରେ ଦେଖାଯାଏ । ଏହାର ଅଦୃଶ୍ୟ କୋଷଗୁଡ଼ିକ ସୁପ୍ତ ଅବସ୍ଥାରେ ମାଟିତଳେ ବର୍ଷସାରା ଥାଏ । ଯେତେବେଳେ ବର୍ଷାଋତୁ ଆସେ, ବର୍ଷା ପାଣି ମାଟିକୁ ଓଦା କରିଦିଏ । ଫଳରେ ଜୈବିକ ପରିବର୍ତ୍ତନ ଘଟିଥାଏ । ଏଣୁ ଉପଯୁକ୍ତ ପରିବେଶ ପାଇବାରୁ ଛତୁର ସୁପ୍ତ କୋଷରେ ପ୍ରଚୁର ବିସ୍ତାର ଘଟିଥାଏ ଓ ଛତୁର ଜନନକ୍ରିୟା କ୍ରିୟାଶୀଳ ହୋଇଥାଏ । ଫଳରେ ମାଟିରୁ ଛତୁ ଜନ୍ମ ନେଇଥାଏ ।

ଆଜିକାଲି ଛତୁଚାଷ ପାଇଁ ଛତୁ ମଞ୍ଜି ଖୁବ୍ ସୁବିଧାରେ ମିଳିପାରୁଛି । ଭୁବନେଶ୍ୱରରେ ଥିବା ଛତୁ ଉନ୍ନୟନ ସଂସ୍ଥା ଏହି ମଞ୍ଜି ଯୋଗାଇ ଦେଉଛି । ଯିଏ ଚାଷ କରିବାକୁ ଚାହିଁବ, ସେଠାରୁ ଉନ୍ନତମାନର ବିହନ ନେଇଆସି ପାରିବ । ସେ ସଂସ୍ଥା ଠିକଣା ହେଲା–

କୃଷି ଉପନିର୍ଦ୍ଦେଶକ, ଛତୁ ଉନ୍ନୟନ ସଂସ୍ଥା
ଶସ୍ୟ ସଂରକ୍ଷଣ ଅଫିସ୍ କ୍ୟାମ୍ପସ୍
ପୋ–ଖଣ୍ଡଗିରି
ଭୁବନେଶ୍ୱର–୭୫୧୦୦୩


ଏବେ ସରକାର ଛତୁ ଚାଷୀମାନଙ୍କୁ ଉତ୍ସାହିତ କରିବା ପାଇଁ ଛତୁ ମଞ୍ଜି ବ୍ଲକ୍‌କୁ ଯୋଗାଇ ଦେଉଛନ୍ତି । ତେଣୁ କୃଷକମାନେ ବ୍ଲକ୍‌ର କୃଷି ସଂପ୍ରସାରଣ ଅଧିକାରୀଙ୍କୁ ଦେଖାକରି ସେହି ବିହନ ଆଣିପାରିବେ ଓ ଚାଷ କରିପାରିବେ । ତେଣୁ ବିହନ ଖୋଜିବା ପାଇଁ ତାଙ୍କୁ ହଇରାଣ ହେବାକୁ ପଡ଼ିବ ନାହିଁ ।

ତା'ଛଡ଼ା ଖୋଲାବଜାରରେ ମଧ୍ୟ ମଞ୍ଜି ବ୍ୟବସାୟୀଙ୍କ ପାଖରେ ଏହି ମଞ୍ଜି ମିଳୁଛି । ମାତ୍ର ଖୋଲାବଜାରରେ ମଞ୍ଜି କିଣିଲା ବେଳେ ଦେଖି ଚାହିଁ ଆଣିବା ଦରକାର । ବୋତଲରେ ପ୍ୟାକିଂ ହୋଇ ଏହା ମିଳେ ।

ଟିସ୍ୟୁକଲ୍‌ଚର ପଦ୍ଧତିରେ ଛତୁ ମଞ୍ଜି ଉତ୍ପାଦନ କରାଯାଏ । ଏକ ପ୍ରକାର ଅଙ୍ଗଜ ପ୍ରଣାଳୀରେ ଉଦ୍ଭିଦର ବଂଶ ବିସ୍ତାର ପ୍ରକ୍ରିୟାକୁ ଟିସ୍ୟୁ କଲଚର କୁହାଯାଏ । ଏହା ହେଉଛି

କୋଷକୁ ଏକ କୃତ୍ରିମ ଓ ଜୀବାଣୁମୁକ୍ତ ପରିବେଶରେ ରଖି ଉଦ୍ଭିଦର ବଂଶ ବିସ୍ତାର ପ୍ରକ୍ରିୟା । ଏହା ଦ୍ୱାରା ମା' ଗଛରେ ଥିବା ସମସ୍ତ ଉନ୍ନତ ଗୁଣଗୁଡ଼ିକ ଚାରାଗଛରେ ଅକ୍ଷୁଣ୍ଣ ରହୁଛି । ଏଗୁଡ଼ିକ ରୋଗ, ପୋକ ପ୍ରତିରୋଧକ ଶକ୍ତିସମ୍ପନ୍ନ ହୋଇଥା'ନ୍ତି ।

ଟିସ୍ୟୁ କଲ୍‌ଚର୍ ପଦ୍ଧତିରେ ଛତୁ ମଞ୍ଜି ଉତ୍ପାଦନ କରିବା ପାଇଁ ଏକ ହୃଷ୍ଟପୁଷ୍ଟ ଭଲ କଢ଼ ଛତୁ ବଛାଯାଏ । ଯେଉଁ ବେଢ଼ରେ ସବୁଠାରୁ ବେଶୀ ଛତୁ ଫୁଟିଥାଏ, ସାଧାରଣତଃ ସେହି ବେଢ଼ରୁ ହିଁ ଏହି କଢ଼ ଛତୁ ବଛାଯାଇଥାଏ ।



ଛତୁ ମଞ୍ଜି ପଦ୍ଧତି ଯନ୍ତ୍ର

ସେହି ଛତୁଟିକୁ ଯତ୍ନର ସହିତ ଅଣାଯାଏ । ତା' ଉପରିଭାଗକୁ ଧୋଇ ଦିଆଯାଏ । ଏହାଦ୍ୱାରା ମଇଳା, ଲାଗିଥିବା କୁଟାକାଠି ଧୋଇହୋଇ ପରିଷ୍କାର ହୋଇଯାଏ । ରେକ୍‌ଟିଫାଏଡ୍ ସ୍ପିରିଟ୍ ଆଣି ସେହି ଛତୁର ଉପରିଭାଗକୁ ପୋଛି ଦିଆଯାଏ । ଏହାଦ୍ୱାରା ଛତୁଟି ବିଶୋଧିତ ହୋଇଯାଏ । ତା'ପରେ ତାକୁ ଧୋଇ ଦିଆଯାଏ ।

ଟିସୁ୍ୟ କଲ୍‌ଚରର ନିୟମ ହେଲା ପ୍ରଥମେ ଉଦ୍ଭିଦର କୋଷଗୁଚ୍ଛକୁ କାଟି ଅଲଗା କରିବା । ତେଣୁ ବ୍ଲେଡ୍ କିମ୍ବା ଛୁରୀ ଆଣି ବିଶୋଧିତ ଛତୁକୁ ଲମ୍ବ ଭାବରେ କଟାଯାଏ । କୋଷଗୁଡ଼ିକ ଯେପରି କୌଣସି ରୋଗ ଜୀବାଣୁ ସଂସ୍ପର୍ଶରେ ନ ଆସେ, ସେଥିପାଇଁ ବ୍ଲେଡ୍ ଓ ଛୁରୀ ବିଶୋଧିତ ହୋଇଥିବା ଦରକାର । ଏଥିରେ ଛତୁର ଦଣ୍ଡ, ଛତୁର ଟୋପିଠାରେ ସଂଯୋଗ ହୋଇଥିବା ଅଂଶକୁ ଛୋଟଛୋଟ କରି କଟାଯାଏ ।

ଇନ୍‌କୁଲେସନ୍ ନିଡ୍‌ଲ୍ ଦ୍ୱାରା ସେଥିରୁ ଖଣ୍ଡେ ଛୋଟ ଅଂଶକୁ ନେଇ କାଚନଳୀରେ ଥିବା ପିଡିଏ ଖାଦ୍ୟ ଉପରେ ରଖାଯାଏ । ଏହି ପ୍ରକ୍ରିୟା ହେଉଛି ଇନ୍‌କୁଲେନ୍‌ସ । ଏପରି ରହିବା ଦ୍ୱାରା ସେହି କୋଷରୁ ୨-୩ ଦିନ ଭିତରେ ତୁଳା ଭଳି ପଦାର୍ଥ ଜନ୍ମନିଏ । ଏହାକୁ ମାଇସେଲିୟମ୍ କହନ୍ତି । ଗୋଟେ ସପ୍ତାହ ଭିତରେ ଏହା ସମସ୍ତ ଅଂଶରେ ମାଡ଼ିଯାଏ । ଏହାକୁ ମୂଳ ଫିମ୍ପି ମାଇସେଲିୟମ୍ ବା ମଦର୍ କଲ୍‌ଚର କୁହାଯାଏ ।


ଇନ୍‌କୁଲେସନ୍ ନିଡ୍‌ଲ୍ ସାହାଯ୍ୟରେ ଏହି ମୂଳ ଫିମ୍ପି ମାଇସେଲିୟମ୍ ଥିବା କାଚନଳୀରୁ ଟିକିଏ ମାଇସେଲିୟମ ଖଣ୍ଡ ନେଇ ପ୍ରଜନନ କୋଠରୀ ଭିତରେ ଅନ୍ୟ କାଚନଳୀ ଭିତରେ ରଖାଯାଏ । ଗୋଟିଏ ମଦର କଲ୍‌ଚରରୁ ୫୦ରୁ ଅଧିକ କଲ୍‌ଚର ଟ୍ୟୁବ୍‌ରେ ମାଇସେଲିୟମ୍‌ର ବିସ୍ତାର କରାଯାଏ । ଏହାକୁ ଖୁବ୍ ଦାୟିତ୍ୱର ସହିତ କରାଯାଇଥାଏ ।

# ଛତୁଚାଷ ପାଇଁ ସ୍ଥାନ

ଛତୁଚାଷ ବିଶେଷ ସ୍ଥାନ ଦରକାର କରେନାହିଁ । ଅଳ୍ପ ସ୍ଥାନ ହେଲେ କାମ ଚଳିଯାଏ । ପ୍ରାୟ ସବୁ ଅଞ୍ଚଳରେ ଛତୁଚାଷ କରାଯାଇ ପାରିବ । କେବଳ କୃଷକର ମନୋଭାବ ଉପରେ ଏହା ନିର୍ଭର କରେ । କୃଷକ ଯଦି ଉଦ୍ୟମୀ, ଉତ୍ସାହୀ ଓ ଆଶାବାଦୀ ଥିବ, ତେବେ ନିଶ୍ଚୟ ସେ ଏହି ଚାଷରେ ସଫଳ ହୋଇପାରିବ । ବୈଷୟିକ ଜୀବ ବିଜ୍ଞାନର ପ୍ରୟୋଗରେ ଏହାର ଅମଳ ଆଶାନୁରୂପ ବୃଦ୍ଧି କରାଯାଇପାରିବ ।

ଆଜିକାଲି ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି । ଜନସଂଖ୍ୟାକୁ ରୋକିବା ପାଇଁ ବିଭିନ୍ନ କୌଶଳ ବାହାରିଥିଲେ ମଧ୍ୟ ତାହା କମାଇବା ସମ୍ଭବ ହେଉନାହିଁ । ତେଣୁ ଖାଦ୍ୟ ଓ ରହିବା ସ୍ଥାନର ଅଭାବ ବେଳକୁ ବେଳ ଉତ୍କଟ ହେଉଛି । ତେଣୁ ଏତେଗୁଡ଼ିଏ ଜନସଂଖ୍ୟାକୁ ନେଇ ଧାନ ଓ ଗହମ ଉପରେ ନିର୍ଭର କରିବା ଠିକ୍ ହେବନାହିଁ । ତେଣୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ପ୍ରୟୋଗ କରି ବିକଳ୍ପ ଖାଦ୍ୟ ଉତ୍ପାଦନ ପାଇଁ ବୈଜ୍ଞାନିକମାନେ ଲାଗି ପଡ଼ିଛନ୍ତି । ସେମାନେ ମତ ଦେଇଛନ୍ତି ଯେ, ଛତୁ ଦ୍ୱରା ସୁରୁଚିପୂର୍ଣ୍ଣ ବିକଳ୍ପ ଖାଦ୍ୟ ପ୍ରସ୍ତୁତ ହୋଇପାରିବ ।


ଛତୁ ଚାଷ ଅଳ୍ପ ଜାଗା ଦରକାର କରୁଥିବାରୁ ଏଥିରେ ସ୍ଥାନ ସମସ୍ୟା ପ୍ରାୟତଃ ନଥାଏ । ଘରର ଅଗଣାରେ ଏହି



ଚାଷ କରାଯାଇ ପାରେ । ସହରାଞ୍ଚଳରେ ଯେଉଁ କୋଠାମାନ ମୁଣ୍ଡଟେକିଛି ଓ ଚାଷ କିଆରି ନାହିଁ, ସେଠାରେ କୋଠାଘରର ଛାତକୁ ଚାଷଭୂଇଁ ଭାବେ ବ୍ୟବହାର କରାଯାଇପାରେ । ଛାତ ଉପରେ ଛତୁଚାଷ କରାଯାଇଥାଏ । ବଗିଚାର ଗୋଟିଏ ଅଂଶରେ ଛତୁଚାଷ କରି ଆଶାନୁରୂପ ରୋଜଗାର କରାଯାଏ । ତାହା ସହିତ ଅନ୍ୟ ଅଂଶରେ ଅନ୍ୟାନ୍ୟ ଚାଷ କରାଯାଇପାରେ ।

# ଛତୁଚାଷ ପ୍ରଣାଳୀ

ଆମ ରାଜ୍ୟର ଚାଷୀମାନେ ମୁଖ୍ୟତଃ ୩ ପ୍ରକାର ଛତୁ ଚାଷ କରି ଲାଭବାନ ହୋଇଥା'ନ୍ତି । ସବୁ ଛତୁଚାଷ ପ୍ରଣାଳୀ ସାମାନ୍ୟ ଫରକ୍ ହେଲେ ବି ପ୍ରାୟତଃ ଏକାଭଳି । ଛତୁଚାଷ ପାଇଁ ନଡ଼ା, ନାଇଲନ୍ ଜାଲିଯୁକ୍ତ ବ୍ୟାଗ୍, ପଲିଥିନ୍ ପ୍ୟାକେଟ୍ ଓ ଛତୁର ମଞ୍ଜି ଆବଶ୍ୟକ ହୁଏ । ଏହା ବ୍ୟତୀତ ଗହମ କିମ୍ବା



ଚୋପାଲଗା ବୁଟ ବା ହରଡ଼, କିଛି ବିଶୋଧକ, ସ୍ପ୍ରେୟର୍ ଆଦି ଆବଶ୍ୟକ ପଡ଼ିଥାଏ । ବୋତାମ ଛତୁ ଓ ପାଳଛତୁର ଚାଷ ପ୍ରଣାଳୀ ପ୍ରାୟତଃ ଏକା ପ୍ରକାରର । ଧିଙ୍ଗିରି ଛତୁରେ ସାମାନ୍ୟ ତଫାତ୍ ରହିଛି ।

# ବୋତାମ ଛତୁ ଓ ପାଳଛତୁ

**ବୋତାମ ଛତୁ:**ବୋତାମ ଛତୁଚାଷ କରିବା ପାଇଁ ଅନ୍ୟ ଛତୁ ତୁଳନାରେ ଅଧିକ ଅର୍ଥ ଖର୍ଚ୍ଚ ହୋଇଥାଏ । କିନ୍ତୁ ଏହି ଛତୁ

ଖୁବ୍ ରୁଚିକର ହୋଇଥିବାରୁ ବଜାରରେ ଏହାର ଚାହିଦା ଅଧିକ । ଲୋକେ ଏହି ଛତୁକୁ ଭାରି ଆଦର କରିଥା'ନ୍ତି । ଏହି ଚାଷ ମଧ୍ୟ ଅଧିକ ସମୟ ଆବଶ୍ୟକ କରିଥାଏ । ଏହାକୁ ଅମଳ କରିବା ପାଇଁ ପ୍ରାୟତଃ ଦୁଇମାସରୁ ଅଧିକ ସମୟ ଲାଗିଥାଏ । ଏହି ଛତୁଚାଷ ପାଇଁ ନଡ଼ା ଓ ଖତକୁ ବତୁରାଇ, ସଢ଼ାଇ କମ୍ପୋଷ୍ଟ କରିବାକୁ ପଡ଼ିଥାଏ । ସାଧାରଣତଃ ଏଥିପାଇଁ ଗହମ ନଡ଼ା ଉପଯୁକ୍ତ ହୋଇଥାଏ । ଧାନ ନଡ଼ା ମଧ୍ୟ ବ୍ୟବହାର କରାଯାଇପାରେ । ନଡ଼ାକୁ ସଢ଼ାଇବା ପାଇଁ ଗୋବର, ଯବକ୍ଷାରଜାନ ଜାତୀୟ ଖାଦ୍ୟ, ଧାତବ ଲବଣ, ଗୋଖାଦ୍ୟ,




ବୋତାମ ଛତୁ

ଶ୍ୱେତସାର ଜାତୀୟ ଖାଦ୍ୟ ଆଦି ମିଶାଯାଏ । ଏହାଦ୍ୱାରା ଶ୍ୱେତସାର ଓ ଯବକ୍ଷାରଜାନ ମିଳିବାରେ କୌଣସି ଅସୁବିଧା ହୁଏନାହିଁ । କମ୍ପୋଷ୍ଟରେ ପ୍ରଚୁର ବାୟୁ ଓ ଅମ୍ଳଜାନ ରହିଥିବା ଉଚିତ୍ । ଏହାର ଆର୍ଦ୍ରତା ଓ ଅମ୍ଳତା ଉପଯୁକ୍ତ ଅନୁପାତରେ ରହିବା ଆବଶ୍ୟକ । କମ୍ପୋଷ୍ଟ ପ୍ରସ୍ତୁତ ହୋଇ ସାରିବା ପରେ ମଞ୍ଜି ବୁଣାଯାଏ । ତେଣୁ କମ୍ପୋଷ୍ଟକୁ ରୋଗ ଜୀବାଣୁ, ପୋକ ଆଦିଙ୍କ ଦାଉରୁ ରକ୍ଷା କରିବା ପାଇଁ ବିଶୋଧନ କରାଯାଇଥାଏ ।

ଥାକ ପ୍ରଣାଳୀ ଓ ବ୍ୟାଗ୍ ପ୍ରଣାଳୀ– ଏହି ଦୁଇଟି ଉପାୟରେ ବୋତାମ ଛତୁ ଚାଷ କରାଯାଉଥିଲେ ମଧ୍ୟ ମୁଖ୍ୟତଃ ବ୍ୟାଗ୍ ପ୍ରଣାଳୀ ବିଶେଷ ଜନପ୍ରିୟ ହୋଇପାରିଛି । ବ୍ୟାଗରେ ଖତ ଦେଇ ସ୍ତର ସ୍ତର କରି ମଞ୍ଜି ବୁଣାଯାଇଥାଏ ।

ମାଇଲେସିୟମ୍ ବଢ଼ିବା ପାଇଁ ୨୫°ରୁ ୩୦° ସେ. ଉତ୍ତାପ ଆବଶ୍ୟକ ହୋଇଥାଏ । ଛତୁ ଫୁଟିବା ବେଳେ ୧୬°ରୁ ୨୦° ସେ. ଉତ୍ତାପ ଦରକାର ହୁଏ । ଏକକୁଇଣ୍ଟାଲ କମ୍ପୋଷ୍ଟରୁ ପ୍ରାୟତଃ ୧୩ରୁ ୧୮କି.ଗ୍ରା. ପର୍ଯ୍ୟନ୍ତ ବୋତାମ ଛତୁ ଉତ୍ପାଦନ କରାଯାଇପାରେ ।

**ପାଳଛତୁ:** ପାଳଛତୁ ସାଧାରଣତଃ ଗ୍ରୀଷ୍ମ ଓ ବର୍ଷାଋତୁରେ ଚାଷ କରାଯାଇଥାଏ । ପିଟା ହୋଇଥିବା ଟାଣ ନଡ଼ା କିଛିବିଡ଼ା ନିଆଯାଏ । ଏହା ବେଙ୍ଗଳା ପଡ଼ିନଥିବା ଦରକାର, କିନ୍ତୁ ଭଲ ଭାବରେ ପିଟାହୋଇ ଧାନ ନଥିବା ଉଚିତ୍ । ଧାନ ଥିଲେ ଅସୁବିଧା ହୋଇଥାଏ । ତେଣୁ ସେ ଦିଗ ପ୍ରତି ନଜର ଦେବା ଆବଶ୍ୟକ ।



ଏହି ନଡ଼ାକୁ ନ କାଟି ଗୋଟା ରଖାଯାଇଥାଏ । ପାଣିରେ ଫର୍ମାଲିନ୍ ବା ବାଭିଷ୍ଟିନ୍ ପ୍ରୟୋଗ କରି ବିଶୋଧନ କରାଯାଏ । ଏହି ବିଶୋଧିତ ପାଣିରେ ନଡ଼ାକୁ ବୁଡ଼ାଇ ରଖାଯାଏ । ଏଥିରେ ଏହାକୁ ୧୨ରୁ ୧୫ ଘଣ୍ଟା ପର୍ଯ୍ୟନ୍ତ ରଖାଯାଏ ।

ତା'ପରେ ପାଣିରୁ ଛାଣି ଆଣି ଶୁଖିଲା ସ୍ଥାନରେ ରଖିଦିଆଯାଏ । ଏହିପରି ଛାଇରେ ୩-୪ ଘଣ୍ଟା ରଖିଲା ପରେ ପାଣି ନିଗିଡ଼ିଯାଏ । ଚୋପା ଲଗା ବୁଟ ବା ହରଡ଼ କିଛି ନେଇ ତାକୁ ଖଦଡ଼ିଆ ଗୁଣ୍ଡ କରାଯାଏ । ଗହମ ଚୋକଡ଼ ମଧ ଏଥିପାଇଁ ବ୍ୟବହାର କରାଯାଇପାରେ ।

ବଗିଚାର ଗୋଟିଏ କୋଣରେ ଏକ ଫ୍ରେମ୍ ତିଆରି ହୋଇଥାଏ । ୩ ଫୁଟ ଲମ୍ଭ ଓ ୩ ଫୁଟ ଚଉଡ଼ାର ଚାରିକୋଣରେ ୬ରୁ ୯ ଇଞ୍ଚ ଉଚ୍ଚରେ ଇଟା ଥୋଇ ବାଉଁଶର ଫ୍ରେମ୍ ରଖାଯାଇଥାଏ ଓ ତା' ଉପରେ ୪ଟି ସ୍ତର ନଡ଼ା ବିଛାଯାଏ । ପ୍ରତି ସ୍ତରରେ କିଛି ଛତୁ ମଞ୍ଜି ଓ ଡାଲିଗୁଣ୍ଡ ବୁଣାଯାଏ । ପାଳଗଦାକୁ ପଲିଥିନ୍ ଚାଦର ଢାଙ୍କି ଦିଆଯାଏ । ୭ ଦିନ ପରେ ଏହାକୁ କାଢ଼ି ଦିଆଯାଏ । ମଝିରେ ମଝିରେ ପାଣି ସ୍ପ୍ରେ କରାଯାଏ । ୧୦ରୁ ୧୫ ଦିନ ଗଲା ପରେ ଛତୁ ଅମଳ କରାଯାଏ ।

## ଧିଙ୍ଗିରି ଛତୁ




ଧିଙ୍ଗିରି ଛତୁକୁ ମୁଖ୍ୟତଃ ପଲିଥିନ୍ (ନାଇଲନ) ବ୍ୟାଗ୍‌ରେ ଚାଷ କରାଯାଇଥାଏ । ଏହାକୁ ସେହି ଉପାୟରେ ସୁବିଧାରେ ଚାଷ କରାଯାଇପାରେ । ଏହି ଛତୁଚାଷ ପାଇଁ ଦେଶୀ ନଡ଼ା ନିଆଯାଏ, ଯାହାକି ବେଙ୍ଗଲା ପଡ଼ିନଥିବ । ନଡ଼ାକୁ କିଛି ଅଂଶ ବାଦ୍ ଦେଇ ଏହାକୁ ଛୋଟଛୋଟ ଖଣ୍ଡ କରାଯାଏ ।

ପ୍ରତିଖଣ୍ଡ ପ୍ରାୟ ୩ ଇଞ୍ଚ୍ ଆକାରର ହୋଇଥାଏ । ଏହି କଟା ନଡ଼ାକୁ ପାଣିରେ ୧୨ରୁ ୧୪ ଘଣ୍ଟା ଭିଜାଇ ରଖାଯାଏ । ସେଥିରୁ ଛାଣି ଆଣି ପୁଣି ଗରମ ପାଣିରେ ସିଝାଯାଏ । ୧ ଘଣ୍ଟା ସିଝିବା ପରେ ବାହାର କରି ଛାଣି ପବନ ଚଳାଚଳ ଛାଇ ଜାଗାରେ ଶୁଖାଇ ଦିଆଯାଏ । ଏହାଦ୍ୱାରା ନଡ଼ାରୁ ପାଣି ବାହାରିଯାଏ । ଗହମକୁ ପାଣିରେ ବତୁରାଇ ପରେ ସିଝାଯାଏ । ସେହି ସିଝା ଗହମକୁ ଛାଇରେ ଶୁଖାଇ ଦିଆଯାଏ ।

ପଲିଥିନ୍ ବ୍ୟାଗ୍‌ରେ ସ୍ତର ସ୍ତର କରି ତିନୋଟି ସ୍ତରରେ ନଡ଼ା ଦେଇ ସେଥିରେ ଛତୁମଞ୍ଜି ଓ ଗହମ ବୁଣି ଦିଆଯାଏ । ଉପର ସ୍ତରରେ ନଡ଼ା ବିଛାଇ ସେହି ବ୍ୟାଗ୍‌ର ମୁହଁ ବାନ୍ଧି ଦିଆଯାଏ । ଏହାକୁ ଅନ୍ଧାର ଘରେ ରଖିଦିଆଯାଏ । ପଲିଥିନ୍ ବ୍ୟାଗ୍‌ରେ ୧୦-୧୫ଟି ଛୋଟ କଣା କରିଦେବା ଦରକାର ।

୧୫ ଦିନ ଭିତରେ ଫିମ୍ପି ଚାରିଆଡ଼େ ମାଡ଼ିଯିବ ଓ ତା'ପରଦିନ ପଲିଥିନ୍ ବ୍ୟାଗ୍‌ରୁ ଫିମ୍ପି ପିଣ୍ଡୁଳା କାଢ଼ି ଟାଙ୍ଗି ଦିଆଯାଏ । ପ୍ରତିଦିନ ୩-୪ ଥର ପାଣି ଦିଆଯାଏ । ତା'ପରେ ଛତୁ ଫୁଟିବା ଆରମ୍ଭ କରେ । ପାଳଛତୁ ଓ ଦୁଧଛତୁ ଏକା ଋତୁରେ ଚାଷ କରାଯାଏ । ମାତ୍ର ଦୁଧ ଛତୁ ଉତ୍ପାଦନ ପ୍ରଣାଳୀ ଧିଙ୍ଗିରି ଛତୁ ଚାଷ ସହିତ ସମାନ ।

## ଛତୁଚାଷରେ ସମସ୍ୟା

ଛତୁଚାଷ ଲାଭଜନକ ହେଲେ ମଧ୍ୟ କେତେକ ସମସ୍ୟା ରହିଛି । ଭଲ ସହିତ ଖରାପ ରହିବା ପରି ଏହା ଛତୁ ଚାଷକୁ ବେଳେବେଳେ ନିରୁତ୍ସାହିତ କରିଥାଏ । ଅବଶ୍ୟ ବିଜ୍ଞାନୀ ମାନବ ସେ ଦିଗରେ ଗବେଷଣା କରି ସେହି ପ୍ରତିବନ୍ଧକ ସବୁକୁ ଦୂର କରିବା ସମ୍ଭବ ହୋଇପାରିଛି ।

ବିଭିନ୍ନ ଜାତିର ବୀଜାଣୁ, ଭୂତାଣୁ, କବକ ଛତୁର ଶତ୍ରୁ ରୂପେ କାର୍ଯ୍ୟ କରିଥା'ନ୍ତି । ଏମାନେ ଛତୁର ବୃଦ୍ଧି ଓ ବିକାଶରେ ଅନ୍ତରାୟ ସୃଷ୍ଟି କରନ୍ତି । ତେଣୁ ଛତୁ ନଷ୍ଟହୁଏ ଓ ଚାଷୀ କ୍ଷତିରେ ପଡ଼େ । ଅବଶ୍ୟ ଏଥିପାଇଁ ଛତୁମଞ୍ଜି ବିଶୋଧନ କରାଯାଉଅଛି । ବ୍ୟବହୃତ ହେଉଥିବା ନଡ଼ାରେ ମଧ୍ୟ ରୋଗର ଜୀବାଣୁ ଓ ପୋକ ଯାଇ ଛତୁର କ୍ଷତି ଘଟାନ୍ତି । ତେଣୁ ସେଥିରୁ ରକ୍ଷା ପାଇବାର ଉପାୟ ବାହାରିଅଛି ।

ଛତୁର ଆଉ ଏକ ଅସୁବିଧା ହେଲା ଛତୁକୁ ବେଶୀଦିନ ସାଇତି ରଖାଯାଇ ପାରେନାହିଁ । ଯେହେତୁ ଏଥିରେ ବହୁ ଜଳୀୟ ପଦାର୍ଥ ରହିଛି, ସେଥିପାଇଁ ଦୂରସ୍ଥାନକୁ ନେବା ଅସୁବିଧା ହୋଇଥାଏ । ତେଣୁ ଛତୁକୁ ସାଇତି ରଖିବା ପାଇଁ ଛତୁକୁ ଦୁଇଦିନ ଖରାରେ ଶୁଖାଯାଏ । ତା'ପରେ ଜରିମୁଣିରେ କିଛି ଖାଇବା କର୍ପୁର ରଖି ସେଥିରେ ଏହି ଛତୁକୁ ପ୍ୟାକିଙ୍ଗ୍ କରାଯାଏ । ଦରକାର ବେଳେ ଛତୁ ବାହାର କରି ଗରମ ପାଣିରେ ପକାଇ ବ୍ୟବହାର କରାଯାଏ ।

## ଛତୁଚାଷରେ ସାବଧାନତା

ଛତୁଚାଷ କରିବାକୁ ହେଲେ କେତୋଟି ବିଷୟରେ ସଚେତନ ହେବା ଆବଶ୍ୟକ । ପ୍ରଥମତଃ ଛତୁଚାଷକୁ ଅବହେଳା ନ କରି ଆଗ୍ରହର ସହିତ କରିବା ଉଚିତ୍ । ଛତୁ ଯେଉଁଠି ଚାଷ କରାଯିବ, ସେ ସ୍ଥାନଟି ସଫାସୁତୁରା ହୋଇଥିବା ଆବଶ୍ୟକ । ତା' ନହେଲେ ବାୟୁ ଓ ଜଳ ନାନା ରୋଗ ସଂକ୍ରମଣର କାରଣ ହୋଇ ଛତୁଚାଷରେ ବ୍ୟାଘାତ ଜନ୍ମାଇବେ ଓ ଉତ୍ପାଦନ କମିଯିବ ।

ନୂଆ, କଞ୍ଚା ନଡ଼ା ବ୍ୟବହାର କରିବା ଆଦୌ ନିରାପଦ ନୁହେଁ । ତେଣୁ ଦେଖିଚାହିଁ ଭଲ ଶୁଖିଲା ନଡ଼ା ବ୍ୟବହାର

କରିବା ଉଚିତ୍ । ନଡ଼ାରେ ଧାନକେଣ୍ଡା ଥିଲେ ତାହାକୁ ଛତୁ ଚାଷରେ ଲଗାଇବା ଉଚିତ୍ ନୁହେଁ । ତେଣୁ ନଡ଼ାରୁ ସବୁ ଧାନ ପିଟି ଝଡ଼ାଇ ଦେବା ଉଚିତ୍ । ଛତୁ ତୋଳିଲା ବେଳେ ଛୋଟ କଢ଼ ପ୍ରତି ନଜର ଦିଆଯିବା ଉଚିତ୍ । ଟିକିଏ କିଛି ହେଲେ ସେସବୁ ଉପୁଡ଼ି ପଡ଼ିବ । ତେଣୁ ଛତୁ ମୂଳରୁ ଧରି ଆସ୍ତେ କରି ମୋଡ଼ି ତୋଳି ଅଣାଯିବ । ତୋଳିବାର ୧୨ଘଣ୍ଟା ପୂର୍ବରୁ ପାଣି ପକାଇବା ଉଚିତ୍ ।

ସନିଆ ନବୀନବାବୁଙ୍କଠାରୁ ସମସ୍ତ କଥା ଶୁଣୁଥାଏ । ତାକୁ ଭାରି ଭଲ ଲାଗୁଥାଏ । ମନେମନେ ସେ ବହୁତ କଥା ଭାବି ସାରିଲାଣି । ଘରେ ଯାଇ ଏଣିକି ଛତୁଚାଷ କରିବ । ଛତୁ ଚାଷ କରିବ ସତ, ହେଲେ ଛତୁର ଗୁରୁତ୍ୱ କ'ଣ ? ତାହା ମଣିଷ ଶରୀର ପାଇଁ କେତେ ଉପକାରୀ ? ଏକଥା ଭାବୁଭାବୁ ସେ ନବୀନବାବୁଙ୍କୁ ଖୋଲି କରି ପଚାରିଦେଲା ।

ନବୀନବାବୁ କହିଲେ-'ଓହୋଃ ! ଏଇକଥା ! ଏ ସମସ୍ତ କଥା ମୁଁ କହିବି । ତୁମେ ମନଦେଇ ଶୁଣ ।

ଏହାପରେ ସେ ପୁଣି କହି ଚାଲିଲେ-

## ଛତୁର ଗୁରୁତ୍ୱ

ଛତୁ ଏକ ପ୍ରାଚୀନ ଖାଦ୍ୟ । ବହୁ ପ୍ରାଚୀନ କାଳରୁ ଏହା ଖାଦ୍ୟ ରୂପେ ବ୍ୟବହୃତ ହୋଇଆସୁଅଛି । ଐତିହାସିକମାନେ କହନ୍ତି, ଆଗରୁ ରାଜ, ମହାରାଜାମାନେ ପର୍ବପର୍ବାଣୀରେ ମଦ ସହ ଛତୁ ଖାଉଥିଲେ । ଏହା ସୁସ୍ୱାଦୁ ଓ ଶରୀର ପାଇଁ ଖୁବ୍ ଉପକାରୀ । ମଣିଷ ଯେତେବେଳେ ବଣଜଙ୍ଗଲରେ ବୁଲୁଥିଲା ସେ ସେତେବେଳେ ଛତୁ ଖାଉଥିଲା । ଏବେ ଆଦିବାସୀମାନେ ମଧ୍ୟ ନିୟମିତ ଛତୁ ଖାଇଥା'ନ୍ତି । ଏହା ସେମାନଙ୍କର ପ୍ରିୟ

ଖାଦ୍ୟ । ଅନେକ ସମୟରେ ଛତୁକୁ ଜାଣି ନପାରି ଯେକୌଣସି ଛତୁକୁ ମନଇଚ୍ଛା ଖାଇ ନାନା ରୋଗରେ ଆକ୍ରାନ୍ତ ହୁଅନ୍ତି । ଏହା ହିତ ବଦଳରେ ଅହିତ କରିଥାଏ । ଗ୍ରୀକ୍ ସଭ୍ୟତାରେ ଛତୁର ଚାହିଦା ଅଧିକ ଥିଲା । ଏହାକୁ ସେମାନେ 'ଈଶ୍ୱରଙ୍କ ଖାଦ୍ୟ' ଭାବେ ସମ୍ମାନ ଦେଉଥିଲେ । ଛତୁରେ ପୁଷ୍ଟିସାର, ସ୍ନେହସାର, ଖଣିଜ ଲବଣ ଓ ଭିଟାମିନ୍ ଭରପୂର ହୋଇ ରହିଥାଏ । ଏହାକୁ ଖାଇଲେ ଲୌହ, କ୍ୟାଲସିୟମ୍ ମିଳିଥାଏ । କିନ୍ତୁ ଏହା ଅଧିକ କ୍ୟାଲୋରୀଯୁକ୍ତ ନୁହେଁ । ଏଥିରେ ବହୁଳ ପରିମାଣରେ ଜଳୀୟ ପଦାର୍ଥ ଥାଏ ।

## ଛତୁର ଉପକାରିତା

ଛତୁ କେବଳ ପାଟିକୁ ଭଲ ଲାଗେ ତା' ନୁହେଁ, ଆମର ମଧ୍ୟ ଅନେକ ଉପକାର କରିଥାଏ । ତାହା ଶରୀରକୁ ସୁସ୍ଥ ରଖେ । ଏହାର ଜୀବାଣୁ ନାଶ ଓ ଜୀବାଣୁ ପ୍ରତିରୋଧ କରିବାର ଗୁଣ ରହିଛି ।

ଏହାର ହଜମକାରୀ ଗୁଣ ଥିବାରୁ ଏହା ହଜମ କ୍ରିୟାରେ ସାହାଯ୍ୟ କରେ । ଏହା ତନ୍ତୁଯୁକ୍ତ । ତେଣୁ ଏହା ପେଟରୋଗ ଦୂର କରିବାରେ ସହାୟକ ହୁଏ । ଏଥିରେ ଅଧିକ ଶର୍କରା ଓ କ୍ୟାଲୋରୀ ନଥାଏ । ତେଣୁ ମଧୁମେହ ରୋଗୀ ଓ ଉଚ୍ଚରକ୍ତଚାପ ରୋଗୀ ଏହାକୁ ନିର୍ଭୟରେ ଖାଇଥା'ନ୍ତି । ଏହା ରକ୍ତର କୋଲେଷ୍ଟରଲ୍ ପରିମାଣ ହ୍ରାସ କରିଥାଏ । ରକ୍ତ ଜମାଟ ବାନ୍ଧିବାରେ ମଧ୍ୟ ସାହାଯ୍ୟ କରେ । ଛତୁ ଗର୍ଭବତୀ ମହିଳା, କ୍ଷୀର ଦେଉଥିବା ମହିଳା ଓ ରକ୍ତହୀନତା ରୋଗୀ ପାଇଁ ଉପାଦେୟ ଖାଦ୍ୟ । ଏହା ସେମାନଙ୍କର ଢ଼େର କାମରେ ଆସିଥାଏ । କାରଣ ଏଥିରେ ଭିଟାମିନ୍, ଲୌହ ଓ କ୍ୟାଲସିୟମ୍ ପ୍ରଚୁର ପରିମାଣରେ ରହିଥିବାରୁ ଏହା ସେମାନଙ୍କର ବହୁ ଉପକାର କରିଥାଏ ।

ଛତୁ ମୋଟା ଲୋକଙ୍କ ପାଇଁ ବିଶେଷ କାମରେ ଆସିଥାଏ । ଏହାକୁ ନିୟମିତ ଖାଇଲେ ମେଦବୃଦ୍ଧି ଘଟେନାହିଁ । ଛତୁର ପୁଷ୍ଟିସାରରେ କେବଳ ସଲ୍‌ଫର୍ ଜାତୀୟ ଆମିନୋ ଅମ୍ଳର ଅଭାବ ଦେଖାଯାଏ । ତେଣୁ ଆଧୁନିକ ବୈଷୟିକ ବିଜ୍ଞାନର ପ୍ରୟୋଗ କରାଯାଇ ଛତୁର ଗୁଣସୂତ୍ରରେ ଏହି ଆମିନୋ ଅମ୍ଳ ସଂଶ୍ଳେଷଣ କରିବାର ଜିନ୍ ରୋପଣ କରାଗଲାଣି ।

## ଛତୁର ଔଷଧୀୟ ଗୁଣ

ଛତୁର ଅନେକ ଔଷଧୀୟ ଗୁଣ ରହିଛି । ଏହାକୁ ଉଚିତ୍ ଅନୁପାନରେ ଓ ଉଚିତ୍ ପ୍ରଣାଳୀରେ ସେବନ କଲେ, ଏହା ଦେହର ନାନା ରୋଗ ଭଲ କରିଥାଏ । ଏଥିରୁ ନାନା ପ୍ରକାର ଔଷଧ ତିଆରି ହୁଏ । ତେଣୁ ଛତୁକୁ ବଡ଼ ବଡ଼ ଔଷଧ କମ୍ପାନୀମାନେ କିଣିନେଇ ଔଷଧ ପ୍ରସ୍ତୁତ କରିଥା'ନ୍ତି ।

ଏଥିରେ କବକ ପ୍ରତିରୋଧକାରୀ ଗୁଣ ରହିଛି । ଏଣୁ ଯାଦୁ, କାଛୁ, କୁଣ୍ଡିଆ, ବିଇଛି ଆଦି ରୋଗ ଦୂରକରିବାରେ ଏହାର ଭୂମିକା ଯଥେଷ୍ଟ । ପାଳଛତୁକୁ ଦୁଧ ସହିତ ଗରମ କରି ଚିନି ମିଶାଇ ସେବନ କଲେ ଯକ୍ଷ୍ମା ଓ ଆନ୍ତ୍ରିକ ଜ୍ୱର ଭଲ ହୋଇଥାଏ । ବର୍ତ୍ତମାନ ଏଡ଼୍‌ସ ରୋଗ ସବୁଠି ଆତଙ୍କ ସୃଷ୍ଟି କରିଛି । ଏହି ରୋଗର ମୂଳ କାରଣ ହେଉଛି ଏଚ୍ଆଇଭି ଭୂତାଣୁ । ଛତୁର ଏହି ଭୂତାଣୁ ନିରୋଧୀ ଗୁଣ ରହିଛି । ସିକେଟ୍ ନାମକ ଏକ ଜାତୀୟ ଛତୁ, ଏହାର ମୁଖ୍ୟ ଭୂମିକା ନେଇଛି । ଏଥିରୁ ଲେଣ୍ଟିନାମ୍ ନାମକ ଏକ ରାସାୟନିକ ଔଷଧ ପ୍ରସ୍ତୁତ ହୋଇ ବ୍ୟବହାର କରାଯାଏ । ଏହା ଏଡ଼୍‌ସକୁ ନିୟନ୍ତ୍ରଣ କରେ ।

କାମଳ ରୋଗରୁ ମୁକ୍ତି ପାଇବା ପାଇଁ ନୀଳମାନଗା ଜାତୀୟ ଛତୁକୁ ଦୁଧ ସହିତ ଗରମ କରି ସେବନ

କରାଯାଏ । କୋଷ୍ଠକାଠିନ୍ୟ ଓ ମଳବନ୍ଧ ଭଲ ହେବା ପାଇଁ ଛତୁ ଏକ ଅବ୍ୟର୍ଥ ଔଷଧ । ଏହା ପାଚକ ଶକ୍ତି ବଢ଼ାଇବା ସହିତ ଅଜୀର୍ଣ୍ଣ ଦୂରକରେ । ଗଳା ଓ କର୍ଣ୍ଣ ଯନ୍ତ୍ରଣାକୁ ଛତୁ ଆରାମ ଦେଇଥାଏ । ଛତୁ ରସ ସହିତ ଅଦାରସ ମିଶାଇ ସେବନ କଲେ ଚକ୍ଷୁରୋଗ ଭଲହୁଏ ।

ଟ୍ରାଇକୋଲେମା ପପୁଲିନ୍‌ସ (ବୈଜ୍ଞାନିକ ନାମ) ନାମକ ଛତୁ ଦ୍ୱାରା ଶ୍ୱାସ ଓ ଆଲର୍ଜି ଆରୋଗ୍ୟ ହୋଇଥାଏ । କ୍ୟାନ୍‌ସର ପ୍ରତିରୋଧକ ଭାବରେ ଛତୁ ମଧ୍ୟ କାର୍ଯ୍ୟକରେ । କ୍ୟାନ୍‌ସର କୋଷକୁ ନଷ୍ଟ କରିବାରେ କାଲ୍‌ଭାଟିସ୍ ଡାଇଗାଣ୍ଟିଆ ନାମକ ଛତୁରେ ଥିବା କାଲ୍‌ଭେନ୍ ଉପାଦାନର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ।

ଟନ୍‌ସିଲ୍ ବୃଦ୍ଧି, ଆଣ୍ଠୁଗଣ୍ଠି ବାତ, ଟାଇଫଏଡ୍ ଆଦି ଛତୁ ଦ୍ୱାରା ଆରୋଗ୍ୟ ହୋଇଥାଏ । ବ୍ଲାଇଟୋସାଇବ୍ ଇଲ୍ୟୁଡେନ୍‌ସ ଛତୁ ପ୍ଲାଜମୋଡ଼ିୟମ ଜାତୀୟ ମ୍ୟାଲେରିଆ ପାରାସାଇଟ୍ ବିରୁଦ୍ଧରେ କାର୍ଯ୍ୟ କରେ । ଅନେକ ବିଷାକ୍ତ ଛତୁରୁ ମଧ୍ୟ ଔଷଧ ତିଆରି ହୁଏ । ଏକ ପ୍ରକାର ବିଷାକ୍ତ ଛତୁରେ ସାଇଲୋସାଇବ୍ ଓ ସାଇଲୋସିନ୍ ନାମକ ଔଷଧୀୟ ଉପାଦାନ ରହିଛି । ଏଥିରୁ ଯୌନଶକ୍ତି ବୃଦ୍ଧି ପାଇଁ ଔଷଧ ତିଆରି ହୁଏ । ଆମାନାଇଟ୍ ମସ୍କାରିଆ ଛତୁରୁ ପାଉଡର ପ୍ରସ୍ତୁତ ହୋଇ ତଣ୍ଟି ଦରଜ, ଫୁଲା, ଅଂଶୁଘାତ, ସ୍ନାୟୁବିକ ସମସ୍ୟା ପାଇଁ ବ୍ୟବହୃତ ହୋଇଥାଏ । ଛତୁର ଔଷଧୀୟ ଗୁଣ ଉପରେ ଆହୁରି ଗବେଷଣା ଚାଲିଛି । ସଫଳ ହେଲେ ଛତୁ ଜୀବନ ରକ୍ଷା କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିବ ।

ସେତେବେଳକୁ ସନ୍ଧ୍ୟା ୫ଟା । ନବୀନବାବୁଙ୍କ ସ୍ତ୍ରୀ ଦୁଇ କପ୍ ଚା' ଓ ବିସ୍କୁଟ୍ ଧରି ଆସିଲେ । କହିଲେ–'ଆଲୋଚନା ସରିଲା ନା ନାହିଁ ? ନିଅ, ଚା ପିଇଦିଅ ।'

ନବୀନବାବୁ କହିଲେ–'ହଁ ସରିଗଲାଣି ।'

ସେ ଚା' କପ୍ ଧରି ଓଠ ପାଖକୁ ନେଲେ । ସନିଆ ବି ଚା' ପିଇଲା । ନବୀନବାବୁ କହିଲେ–'କ'ଣ ସନିଆ ! ସବୁ ବୁଝିଗଲତ ? ଏଣିକି ଛତୁଚାଷ କରିବ ନା ନାହିଁ ?'

ସନିଆ ଆନନ୍ଦର ସହିତ କହିଲା–'ହଁ ନିଶ୍ଚୟ କରିବି । ଘରକୁ ଯାଇ କାଲିଠାରୁ ଯୋଗାଡ଼ରେ ଲାଗିଯିବି ।'

ଘରକୁ ଆସି ସନିଆ ଛତୁଚାଷ କରିବାର ବ୍ୟବସ୍ଥା କଲା । ଧୀରେ ଧୀରେ ଅଧିକ ଛତୁ ହେବାରୁ ସ୍ଥାନୀୟ ବଜାରରେ ନେଇ ବିକ୍ରୀ କଲା । ଛତୁ ଚାଷ କରି ତା'ର ଆର୍ଥିକ ପରିସ୍ଥିତି ସୁଧାରିବାରେ ଲାଗିଲା । କ୍ରମେ ଗାଁସାରା ଛତୁଚାଷ ବ୍ୟାପିବାରେ ଲାଗିଲା । ସନିଆଁ ଗାଁ ପାଇଁ ଏକ ନୂଆ ଯୋଜନା ଆଣିଦେଇଥିବାରୁ ଲୋକମାନେ ତାକୁ ବହୁତ ଭଲପାଇଲେ ।

